ଏ.ପି. ରାଜ୍ୟ

*ବନାମ*

ସୟଦ୍ ସିରାଜ ମହମ୍ମଦ ଏବଂ ଅନ୍ୟମାନେ

(ଫୌଜଦାରୀ ଆବେଦନ ସଂଖ୍ୟା 1030-1031/2003)

15 ଏପ୍ରିଲ, 2009

**[ଡା. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ପ୍ରମାଣ - ଚିହ୍ନଟ ପରୀକ୍ଷଣ ପ୍ୟାରେଡ୍ - ପ୍ରମାଣିକ ମୂଲ୍ୟ - ଯେତେବେଳେ ଚିହ୍ନଟ ପରୀକ୍ଷଣ ପ୍ୟାରେଡ୍ ପୂର୍ବରୁ ଆୟୋଜିତ ହୋଇଥିଲା, ସାକ୍ଷୀଙ୍କୁ ଜେଲ୍ ନିଆଯାଇଥିଲା ଏବଂ ଅଭିଯୁକ୍ତ ବ୍ୟକ୍ତିମାନଙ୍କୁ ତାଙ୍କୁ ଦେଖାଯାଇଥିଲା - ନିର୍ଣ୍ଣୟ କରାଯାଇଥିଲା: ଚିହ୍ନଟ ପରୀକ୍ଷଣ ପ୍ୟାରେଡ୍ ଆୟୋଜନ କରିବାର କୌଣସି ଉଦ୍ଦେଶ୍ୟ ନାହିଁ - ଅଭିଯୋଜନ ମାମଲାକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ଥିଲେ - ତେଣୁ, ହସ୍ତକ୍ଷେପକୁ ଉଚ୍ଚ ନ୍ୟାୟାଳୟର ଆଦେଶ ଆହ୍ୱାନ କରେ ନାହିଁ*

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 1030-1031/2003

ଫୌଜଦାରୀ ଆବେଦନ ସଂଖ୍ୟା 1415/1997 ଏବଂ 1698/1997 ରେ ହାଇଦ୍ରାବାଦସ୍ଥିତ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର 14.04.2002 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଆଇ. ଭେଙ୍କଟନାରାୟଣ, ମନୋଜ ସକ୍ସେନା, ରଜନୀଶ କୁମାର ସିଂହ, ରାହୁଲ ଶୁକ୍ଳା ଏବଂ ଟି. ଭି. ଜର୍ଜ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଆନ୍ନମ୍ ଡି. ଏନ୍. ରାଓ, ଡି. ଭ୍ରାତି ରେଡ୍ଡୀ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଡା. ଅରିଜିତ ପଶାୟତ**ଙ୍କ ଦ୍ୱାରା । 1. ଆବେଦନକାରୀ-ରାଜ୍ୟ ପାଇଁ ବିଜ୍ଞ ଅଧିବକ୍ତା ଏବଂ ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିବା ପରେ, ଉତ୍ତରଦାତାମାନଙ୍କ ଦୋଷମୁକ୍ତି ନିର୍ଦ୍ଦେଶ କରୁଥିବା ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ

ହସ୍ତକ୍ଷେପ କରିବାକୁ ଆମେ ଇଚ୍ଛୁକ ନୁହଁ । ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ 20.3.1991 ରେ ଚିହ୍ନଟ ପରୀକ୍ଷଣ ପ୍ୟାରେଡ ଅନୁଷ୍ଠିତ ହେବା ପୂର୍ବରୁ ସାକ୍ଷୀ (PW1) ଙ୍କୁ କେନ୍ଦ୍ରୀୟ କାରାଗାରକୁ ନିଆଯାଇଥିଲା ଯେଉଁଠାରେ ଅଭିଯୁକ୍ତ ବ୍ୟକ୍ତିମାନଙ୍କୁ ତାଙ୍କୁ ଦେଖାଯାଇଥିଲା । ତେଣୁ, ଚିହ୍ନଟ ପରୀକ୍ଷଣ ପ୍ୟାରେଡ୍ ଆୟୋଜନ କରିବାର ପ୍ରକୃତରେ କୌଣସି ଉଦ୍ଦେଶ୍ୟ ନଥିଲା । ଉଚ୍ଚ ନ୍ୟାୟାଳୟ ଯଥାର୍ଥରୂପେ ଅଭିଯୋଜନ ପକ୍ଷର ବିବରଣକୁ ଅବିଶ୍ୱାସ କରିଥିଲେ ଏବଂ ଉତ୍ତରଦାତାମାନଙ୍କର ଦୋଷ ମୁକ୍ତି ନିର୍ଦ୍ଦେଶ ଦେଇଥିଲେ । ଯେକୌଣସି ପରିସ୍ଥିତିରେ, ଏହା ଏକ ସମ୍ଭାବ୍ୟ ଦୃଷ୍ଟିକୋଣ ଅଟେ ଏବଂ ତେଣୁ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ । ଆବେଦନଗୁଡ଼ିକ ବିଫଳ ହୋଇଛି । 13.10.2003 ତାରିଖର ଜାମିନ ଆଦେଶ କାର୍ଯ୍ୟକାରୀ କରିବା ପାଇଁ କରାଯାଇଥିବା ଜାମିନନାମା ଗୁଡ଼ିକ ବିମୁକ୍ତ ହେବ ।

ଆବେଦନଗୁଡ଼ିକୁ ଖାରଜ ହୋଇଛି ।

ଏନ୍. ଜେ. ଆବେଦନଗୁଡ଼ିକ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ